## ରେଳଲାଇନରୁ ଯୁବକଙ୍କ ମୃତଦେହ ଜବତ

ମୁରିବାହାଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ରେଳଷ୍ଟେଶନ ନିକଟରେ ରବିବାର ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ କଣ୍ଟାବାଞ୍ଜି ରେଲୱେ ପୋଲିସ ଜବତ କରିଛି। କଣ୍ଟାବାଞ୍ଜି ଜିଆରପି ମୃତଦେହ ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ପଠାଇଛି। ମୃତକଙ୍କ ପକେଟରୁ ଟିଟିଲାଗଡ଼ରୁ ମୁରିବାହାଲ ଟ୍ରେନ ଟିକଟ ମିଳିଥିଲା। ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଦେଓଗାଁ,୫।୨(ଡି.ଏନ.ଏ.): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଗୌରଗୋଠ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମାକାନ୍ତ ମଲ୍ଲିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ସରପଞ୍ଚ ରଞ୍ଜିତା ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଶିକ୍ଷାଧିକାରୀ ଅଜିତ କୁମାର ମିଶ୍ର ଯୋଗଦେଇଥିଲେ । ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସମିତି ସଭ୍ୟ ଟଙ୍କଧର ବେରିଆ ଯୋଗଦେଇଥିଲେ। ନିମନ୍ତ୍ରୀତ ଅତିଥିଭାବେ ବିକାଶ ସାହୁ, ପୁରନ୍ଦର ଭୋଇ, କୁନ୍ଦୁରୁ ରଣା, ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରେମରାଜ ପ୍ରଧାନ ଉପସ୍ଥିତ ଥିଲେ । ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଚାରକଭାବେ ନବକିଶୋର ସାହୁ, ଜୟସିଂ କୁମ୍ଭାର, ବୁଇ ରଣା ଦାୟିତ୍ୱ ନିର୍ବାହ କରିଥିଲେ। ଏଡି ଅବସରରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ୨୦୨୨-୨୩ ଆର୍ଥିକବର୍ଷରେ ଉତ୍ତମ ଛାତ୍ର ଦାଶରଥି ବାଗ, ଓ ଉତ୍ତମ ଛାତ୍ରୀଭାବେ ପୂଜା ରଣା ଓ ଦିବ୍ୟକାନ୍ତି ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ କିଶୋର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ବଜରଙ୍ଗବାଲି କପ କ୍ରିକେଟ: ସର୍ଗିପାଲି ଚାମ୍ପିୟନ



ମୁଖ୍ୟ ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ଖପ୍ରାଖୋଲ, ୫।୨(ଡି.ଏନ.ଏ.) ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବଡଗୁର୍ଜିଭଟାଠାରେ ଚାଲିଥିବା ବଜରଙ୍ଗବଲି କପ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜୟ ବଜରଙ୍ଗବଲି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ସର୍ଗିପାଲି ଓ ଚାଉଲବାଞ୍ଜି ମଧରେ ହୋଇଥିଲା। ଚାଉଳବାଞ୍ଜି ଦଳ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନ ସଂଗ୍ରହ କରିଥିଲା। ଜବାବରେ ସର୍ଗିପାଲି ଦଳ ୬ଓଭରରେ ୪ଉଇକେଟ ହରାଇ ୮୩ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କ୍ରିକେଟ କ୍ଲବ ସଭାପତି ହରିବୋଲ ପୋଢ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ଜୟରାମ ଭୋଇ, ସତ୍ୟାନନ୍ଦ ସେନ୍ଦ୍ରିଆ, ପ୍ରବୋଧନନ୍ଦ ପାଣିଗ୍ରାହୀ, ସୁଶାନ୍ତ କୁମାର ଦାଶ, ନାରାୟଣ ଦଣ୍ଡସେନା, ପୁରନ୍ଦର ସାହୁ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# ଦାଦନ ଖଟୁଛନ୍ତି ଉଚ୍ଚଶିକ୍ଷିତ ଭଉଣୀଭାଇ

ଲାଠୋର,୫।୨(ଡି.ଏନ.ଏ.)

- ମିଳୁନି କର୍ମ ସଂସ୍ଥାନ
- ଆବାସ ଯୋଜନାରେ ଘର ମିଳିନି
- ସରକାରଙ୍କ ପ୍ରଦତ୍ତ ଗୁହାଳରେ ଦିନ ବିତୁଛି
- ଘରେ ରହିଛନ୍ତି ବୃଦ୍ଧ ବାପା

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅଧୀନ ମସିଣା ଗ୍ରାମର ଦେବରାଜ ଶଗଡ଼ିଆ(୬୦)ଙ୍କ ଗ୍ରାଜୁଏଟ ଝିଅ କୁନ୍ତଳା ଚଳିତ ବର୍ଷ ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଛନ୍ତି। ତାଙ୍କ ସହ +୨ ପାଠ ପଢିଥିବା ଭଉଣୀ ଶୁଶିଳା ଏବଂ ମା’ ତେଜବନ୍ତି ଶଗଡ଼ିଆ(୫୫) ବି ଯାଇଛନ୍ତି। ପୋଷ୍ଟ ଗ୍ରାଜୁଏଟ ଭାଇ ଅଙ୍କୁର ଶଗଡ଼ିଆ ନାମିଲନାଡୁରେ ଦାଦନ ଶ୍ରମିକଭାବେ କାମ କରୁଛନ୍ତି। ଘରେ କେବଳ ବୃଦ୍ଧ ବାପା ଦେବରାଜ ରହିଛନ୍ତି। ୫ଡ଼ିସମିଲ ଘର ଡ଼ିହକୁ ଛାଡ଼ିଦେଲେ ସମ୍ପତି କହିଲେ କିଛି ନାହିଁ। ପିଲାମାନଙ୍କୁ ମଣିଷ କରିବା ପାଇଁ ଶଗଡିଆ ଦମ୍ପତି ଗତ ୩୦ବର୍ଷ ହେଲା ଦାଦନ ଖଟିବାକୁ ଯାଇ ଜାହା ରୋଜଗାର କରୁଥିଲେ ସେଥିରେ ପରିବାର ଚଳାଇବା ସହ ପିଲାଙ୍କୁ ଉଚ୍ଚ ଶିକ୍ଷିତ କରିଥିଲେ। ହେଲେ ଭାଗ୍ୟର ବିଡ଼ମ୍ବନା ଉଚ୍ଚ ଶିକ୍ଷିତ ଝିଅପୁଅ ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ କର୍ମ ସଂସ୍ଥାନ ପାଇଲେ ନାହିଁ। ଚରମ ଦାରଦ୍ର୍ୟ ଭିତରେ ଜୀବନ କାଟୁଥିବା ଏହି ଗରିବ ପରିବାର ପାଖରେ ବାସଗୃହଟିଏ ନାହିଁ। ସେମାନେ ରହୁଥିବା ମାଟି ଛପର ଘର ଭାଙ୍ଗି ଯାଇଛି। ୨୦୨୧-୨୨ ମସିହାରେ ଦେବରାଜ ଶଗଡ଼ିଆଙ୍କୁ ବ୍ଲକ ପକ୍ଷରୁ ଏକ ଗାଈ ଗୁହାଳ ଯୋଗାଇ ଦିଆଯାଇଥିଲା। ସେହି ଗୁହାଳରେ ଆଜିଯାଏ ପରିବାର ଲୋକେ ମୁଣ୍ଡ ଗୁଞ୍ଜିଛନ୍ତି। ଏତେ ସବୁ ସତ୍ତ୍ୱେ ସଦ୍ୟ ଘୋଷିତ ଆବାସ ଯୋଜନା ତାଲିକାରେ ଏହି ଗରିବ ପରିବାରର ନାମନାହିଁ। ଏଥିପୂର୍ବରୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ୨୦୧୬-୧୭ ମସିହାରେ ସେମାନେ ଆବେଦନ କରିଥିଲେ ହେଁ କୌଣସି ସୁଫଳ ମିଳିଲା ନାହିଁ। ୨୦୧୯-୨୦ ମସିହାରେ ଆବାସ ଯୋଜନାରେ ବି ଏହି ପରିବାର ସାମିଲ ହୋଇ ପାରିଲା ନାହିଁ। ଏବେ ନିଜସ୍ୱ ଉଦ୍ୟମରେ ଘର ନିର୍ମାଣ କରିବା ପାଇଁ ଦେବରାଜଙ୍କ ଦୁଇ ଝିଅ ଏବଂ ପୁଅ ଅଣ୍ଟା ଭିଡ଼ିଛନ୍ତି। ଏଠାରେ କାମ ମିଳୁ ନ ଥିବାରୁ ଦାଦନ ଖଟି ଯିବାକୁ ନିଷ୍ପତ୍ତି ଗ୍ରହଣ କରି ଚଳିତ ବର୍ଷ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଇଛନ୍ତି। ବୃଦ୍ଧ ବାପା ଘରେ ରହିଛନ୍ତି। ଏ ନେଇ ବିଡିଓ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରୁ ଆବାସ ଯୋଜନା ତାଲିକାରେ ନାମ ନଥିଲେ ଘର ଯୋଗାଇ ଦେବା ସମ୍ଭବ ନୁହେଁ। ତେବେ ତାଲିକାଭୁକ୍ତ ହୋଇ ନ ଥିବା ଯୋଗ୍ୟ ବ୍ୟକ୍ତିଙ୍କ ତାଲିକା କରାଯାଇଛି। ସରକାରୀ ଆଲଟମେଣ୍ଟ ଆସିଲେ ସେମାନଙ୍କୁ ପ୍ରାଥମିକତାଭିତ୍ତିରେ ଗୃହ ଯୋଗାଇ ଦେବା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଅମ୍ରିତ



@ ବଳରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମେଘାଳୟ ୨୦୧: ଓଡ଼ିଶା ୯୬/୫

ବଲାଙ୍ଗୀର ଅଫିସ, ୫।୨



ଓଡିଶା ଓ ମେଘାଳୟ ଟିମ୍ ଖେଳାଳିଙ୍କ ସହ ଅତିଥିମାନେ କରମର୍ଦ୍ଦନ କରୁଛନ୍ତି।

### ସିକେ ନାଇଡୁ ଟ୍ରଫି

ଓଡିଶା କ୍ରିକେଟ ଆସୋସିଏଶନ ଏବଂ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡୟମରେ ରବିବାର ଓଡିଶା ବନାମ ମେଘାଳୟ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଏବଂ ଜିଲାପାଳ ଚଞ୍ଚଳ ରାଣା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଂସଦ ପକ୍ଷରୁ ଉଭୟ ଅତିଥିଙ୍କୁ ଉପଢୌକନ ଓ ମୋମେଣ୍ଟୋ ଅର୍ପଣ କରି ସମ୍ମାନିତ କରାଯାଇଥିଲା। ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମ୍ୟାଚ୍‌ରେ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହଲ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ପ୍ରଭାତ ମିଶ୍ର, କ୍ରିକେଟ ସମ୍ପାଦକ ଓମ ପ୍ରକାଶ ଚାନ୍ଦ, ଫୁଟବଲ ସମ୍ପାଦକ ହେମନ୍ତ ବେହେରା, ରମାକାନ୍ତ ସେଠ, ସୁଧୀର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର ମିଶ୍ର, କ୍ରିକେଟ କୋଚ ଅରୁଣ ନାଏକ, ସୂର୍ଯ୍ୟ ମିଶ୍ର, ପୃଥ୍ୱୀରାଜ ମିଶ୍ର ଓ ବିକ୍ରମ ପାତ୍ର ଉପସ୍ଥିତ ଥିଲେ । ଟସ୍ ଜିତି ଓଡିଶା ଦଳ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମେଘାଳୟ ବ୍ୟାଟିଂ ଆରମ୍ଭ କରି ୫୫ ଓଭରରେ ୨୦୧ ରନ କରି ସମସ୍ତ ଉଇକେଟ ହରାଇଥିଲେ। ଜସକିରତ ସର୍ବାଧିକ ଅପରାଜିତ ୭୪ ରନ ସଂଗ୍ରହ କରିଥିଲେ। ଜବାବରେ ଓଡିଶା ଦଳ ଖେଳ ଶେଷ ସୁଦ୍ଧା ୫ ଉଇକେଟ ହରାଇ ୯୬ ରନ କରିଥିଲା। ଓଡିଶା ଦଳ ଏବେ ୧୦୫ ରନ ପଛରେ ରହିଛି। ଆଶୁତୋଷ ଛୁରିଆ ଓ ସନ୍ଦିପ ପଟ୍ଟନାୟକ ୩ଟି ଓ ଆୟୁଷ୍ମାନ୍ତ ସାହୁ ୨ଟି ଉଇକେଟ ହାସଲ କରିଛନ୍ତି।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖପ୍ରାଖୋଲ, ୫।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ଦମୟନ୍ତୀ ମହାରଣା ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପାଟଣାଗଡ ଉପଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ମୁଖ୍ୟବକ୍ତା ବିଡ଼ିଓ ରଶ୍ମିରଞ୍ଜନ ରାଉତ, ସମ୍ମାନିତ ଅତିଥି ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଥାନା ଅଧିକାରୀ ରମାକାନ୍ତ ସାହୁ ଯୋଗଦେଇଥିଲେ। ଏହି ଅବସରରେ ଅଧକ୍ଷା ବିଦ୍ୟାଳୟର ବିବରଣୀ ପାଠ କରିବା ଅବସରରେ ଛାତ୍ରୀଛାତ୍ରମାନେ ସମାଜର ଉନ୍ନତିରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ହୋଇଥିବା ବକ୍ତୃତା, ପ୍ରବନ୍ଧ ଲିଖନ ସହ କ୍ରୀଡା ପ୍ରତିଯୋଗିତାରେ କୃତକାର୍ଯ୍ୟ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ଗଣିତ ଅଲିମ୍ପିକ ସହ ବିଦ୍ୟାଳୟରୁ ଭଲ ନମ୍ବର ରଖି ପାସ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ନାଚ ଗୀତ ସହ ମାଙ୍କଡ ହାତରେ ସଲେଗ୍ରାମ ଶୀର୍ଷକ ନାଟକ ମଞ୍ଚସ୍ଥ କରିଥିଲେ।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଦେଓଗାଁ, ୫।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ରତନପୁର ଛକ ନିକଟ ୨୬ନଂ ଜାତୀୟ ରାଜପଥରେ ରବିବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ସଇଁତଳା ଥାନା କରମତଲା ନିକଟ ଦାବଯୁରୀ ଗ୍ରାମର ସୁଦାମ ବାଗ ବୋଲି ପୋଲିସ ସୂଚନା ଦେଇଛି। ବଲାଙ୍ଗୀର ପଟରୁ ବାଇକ ନଂ ଓଡି୦୩ ୮୨୬୮ ଯୋଗେ ସୁଦାମ ଆସୁଥିବା ବେଳେ ରତନପୁର ଛକ ନିକଟରେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଖବରପାଇ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ବାଇକ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇଥିଲା।

# ଶିକ୍ଷା ସହ ଚରିତ୍ର ଗଠନ ଜରୁରୀ



ସିରୋଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ମୁରିବାହାଲ,୫।୨(ଡି.ଏନ.ଏ.)

### ସିରୋଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସିରୋଲ ଉନ୍ନିତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣାନନ୍ଦ ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା ସହ ଚରିତ୍ର ଗଠନ ଜରୁରୀ ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ସମ୍ମାନୀତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ଘୁନସର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିମନ୍ୟୁ ସାହୁ, ସିରୋଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର ନାଗ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ଭୋଇ ଉପସ୍ଥିତ ଥିଲେ। ମୁଖ୍ୟବକ୍ତାଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ଅଧିକାରୀ ଆଇନଜୀବୀ ଉମ୍ବରୁଧର କର୍ମୀ ଯୋଗଦେଇ ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ କହିଥିଲେ। ଏହି ଉତ୍ସବରେ ଷ୍ଟୁଡେଣ୍ଟ ଅଫ ଦ ଇୟର ଭାବେ ଦଶମ ଶ୍ରେଣୀର ଓଁକାର କୁମାର, ଶିକ୍ଷକ ଜଗଦୀଶ ସୁନା ଏବଂ ଅନ୍ୟ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ସରସ୍ୱତୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଲିଲୁମୋହନ ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମାଘ ପୂର୍ଣ୍ଣିମା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ

ଲୋଇସିଂହା,୫।୨(ଡି.ଏନ.ଏ)



ବୁର୍ଡାର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ସାପ୍ତାହିକ ବଜାର ପଡିଆରେ ସ୍ଥାନୀୟ ଜୟ ଜଗନ୍ନାଥ ସାଂସ୍କୃତିକ କଳାକାର ସଂଘ ପକ୍ଷରୁ ମାଘପୂର୍ଣ୍ଣିମା ଅବସରରେ ମାଘମେଳା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଷ୍ଣୁପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥି, ବିଡିଓ ଡ.ଇପ୍‌ସିତା ପାତ୍ର, ଏବିଡିଓ ରମାଦତ୍ତ ଭୋଇ, ଜିପିଓ ଦାମୋଦର ଦାସ, ବ୍ଲକ ସହକାରୀ ଯନ୍ତ୍ରୀ ନେନସିରାଣୀ ପୁର୍ଟି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ।

ମୁଖ୍ୟ ଅତିଥି ବିଧାୟକ ମିଶ୍ର କଳାକାର ସଂଘର ଉଦ୍ୟମକୁ ପ୍ରସଂଶା କରିବା ସହ ଏହା ବଜାୟ ରଖିବାକୁ କହିଥିଲେ । କଳାକାରଙ୍କ ଅଭ୍ୟାସ ପାଇଁ ବିଧାୟକ ପାଣ୍ଠିରୁ ଏକ ଘର ନିର୍ମାଣ ପାଇଁ ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କଳା ଓ କଳାକାରଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହିତ କରି ଆସୁଛନ୍ତି। ଏଥିପାଇଁ କଳକାର ଭତ୍ତା ପ୍ରଣୟନ ହୋଇଛି। ଯୋଗ୍ୟବ୍ୟକ୍ତି ଏହାର ସୁବିଧା ନିଅନ୍ତୁ ବୋଲି ବିଡିଓ ଡ.ପାତ୍ର କହିଥିଲେ। ଏହି ଅବସରରେ ଆୟୋଜିତ ସାଂସକୃତିକ ମହୋତ୍ସବରେ ବିଭିନ୍ନ ଅଞ୍ଚଳରୁ ସାଂସ୍କୃତିକ ଅନୁଷ୍ଠାନ ଓ କଳାକାର ସାମିଲ ହୋଇଥିଲା। କଳାକାରମାନେ ଲୋକବାଦ୍ୟ, ଲୋକନୃତ୍ୟ ଓ ଲୋକଗୀତ ପରିବେଷଣ କରିଥିଲେ। ଭାଗନେଇଥିବା କଳାକାରଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାନନ କୁଅଁର, ବ୍ରଜ ବଡକା, ଅନିରୁଦ୍ଧ ସାହୁ, ଭିକାରୀ ବେହେରା, ଅମିନ କହିଣ୍ଡା, ଗୌରୀ ବାଗ, କାର୍ତ୍ତିକ ପୋଢ ପ୍ରମୁଖ ସହ ଯୋଗ କରିଥିଲେ।

### ବିପର୍ଯ୍ୟୟ ମୁକାବିଲା ତାଲିମ ନେଲେ ସ୍ୱେଚ୍ଛାସେବୀ

ଲୋଇସିଂହା, ୫।୨(ଡି.ଏନ.ଏ)

ଲୋଇସିଂହା କଲେଜରେ ଜିଲାସ୍ତରୀୟ ରେଡକ୍ରସ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ଶିବିରର ଦ୍ୱିତୀୟ ଦିବସରେ ଶିବିରାର୍ଥୀମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ ସତ୍ୟବ୍ରତ ପ୍ରଧାନ ପ୍ରାକୃତିକ ବିପର୍ଯ୍ୟୟ ବେଳେ ବିପନ୍ନଙ୍କୁ କିପରି ଉଦ୍ଧାର କରାଯାଇଥାଏ ସେ ନେଇ ଶିବିରାର୍ଥୀଙ୍କୁ ତାଲିମ ଦେଇଥିଲେ। ସୁନ୍ଦରଗଡ ଜିଲା ରେଡକ୍ରସ ସଂଯୋଜକ ସୁମନ୍ତ କୁମାର ଦ୍ୱିବେଦୀ ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ କିପରି ପ୍ରାଥମିକ ଚିକିତ୍ସା କରାଯାଇଥାଏ ତାଲିମ ପ୍ରଦାନ କରିଥିଲେ। ପରେ ଶିବିରାର୍ଥୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ ଓ ବକ୍ତୃତା ପ୍ରତିଯୋଗୀତା ହୋଇଥିଲା। ଅଧ୍ୟକ୍ଷ ଗିବିନ୍ଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହେଉଛି।

# ଖୋଲାନକୁ ହରାଇ କୁରସୁଡ଼ ଚାମ୍ପିୟନ

ମୁରିବାହାଲ, ୫।୨(ଡି.ଏ.ଏନ.)

### ଯଜ୍ଞେଶ୍ୱର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ପତ୍ରାପାଲି(କ) ଗ୍ରାମ ପଞ୍ଚାୟତ ଖେଳ ପଡିଆରେ ଗତ ୨୯ତାରିଖଠାରୁ ଚାଲିଥିବା ପ୍ରଥମ ବାର୍ଷିକ ଯଜ୍ଞେଶ୍ୱର ମାଝି ମୋମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଖୋଲାନ ଓ କୁରସୁଡ଼ ମଧ୍ୟରେ ହୋଇଥିଲା। ଏଥିରେ କୁରସୁଡ଼ ଦଳ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ମୁଖ୍ୟ ଆୟୋଜକ ବିଭଚ୍ଛ ମାଝିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଶ୍ଚିମ ଓଡିଶାବିକାଶ ପରିଷଦ ସଭ୍ୟ ହଂସରାଜ ଜୈନ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ନଗଦ ୭ହଜାର ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ୫ ହଜାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଚାଉଳ ସୁଖା ସମିତି ସଭ୍ୟ ଗିରିରାଜ ସିଂ ମାଝି, ବିଜେଡି ନେତା ଦିଲୀପ କୁମାର ପୃଷ୍ଟି, କ୍ରୀଡ଼ାବିତ ଯୁଧିଷ୍ଠିର ଭରାସାଗରିଆ, କ୍ୟଶପ ସରାଫ, ବୁଡା ମାଝି ରାହୁଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ମ୍ୟାଚକୁ ନବୀନ ସରାଫ, ବୈଷ୍ଣବ ତାଣ୍ଡି, ନିତେଶ ମାଝି ପ୍ରମୁଖ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ ମ୍ୟାଚର ଶ୍ରେଷ୍ଠ ଖେଳାଳି ଆୟୁଷ ବାଗ, ଶ୍ରେଷ୍ଠ ଗୋଲାକିପର ନରେନ୍ଦ୍ର ସାହୁ, ଶ୍ରେଷ୍ଠ ଡିଫେନ୍ସ ପପୁ ମାଝଙ୍କୁ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ସଭାପତି ଯୋଗେଶ୍ୱର ପୁଟେଲ, ସମ୍ପାଦକ ଅମୀର ସାହୁ, କୋଷାଧ୍ୟକ୍ଷ ଜିତେଶ ମାଝି ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।




ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

# ଯୁବପିଢି ଶିକ୍ଷିତ, ସଂସ୍କାରଧର୍ମୀ ହୁଅନ୍ତୁ

ମୁରିବାହାଲ, ୫।୨(ଡି.ଏନ.ଏ.)



ବୈଠକରେ ମଞ୍ଚାସୀନ ସମାଜର କର୍ମକର୍ତ୍ତା ଓ ଅତିଥି।

- ଷାଠିଏ ଘର ଡୁମାଲ ସମାଜର ଆଞ୍ଚଳିକ ମହାସଭା
- ମୁରିବାହାଲ ଚକ୍ରର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଷାଠିଏ ଘର ଡୁମାଲ ସମାଜର ଜିଲା ଆଞ୍ଚଳିକ ମହାସଭା ରବିବାର ସ୍ଥାନୀୟ ମହେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ହରେକୃଷ୍ଣ ବଘାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହାସଭାରେ ଜିଲା ଷାଠିଏ ଘର ଡୁମାଲ ସମାଜ ସଭାପତି ଲମ୍ବୋଦର ମହାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥଲେ। ଡୁମାଲ ସମାଜକୁ ସଂଗଠିତ କରିବାକୁ ହେଲେ ଶିକ୍ଷାର ବିକାଶ ଲୋଡା ବୋଲି ମତ ରଖିଥଲେ। ଅଧିକ ଶିକ୍ଷିତ ହୋଇ ସମାଜର ଯୁବବର୍ଗ ଯୁଗ ଉପଯୋଗୀ ହେବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ସମ୍ପାଦକ ଇନ୍ଦ୍ରମଣି ବାରିକ, ଦେଓଗାଁ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ଜିଲା ନାରୀ ସଂଗଠକ ପ୍ରମୋଦିନୀ ପାତ୍ର, ପୂର୍ବତନ ସରପଞ୍ଚ ଯୁଧିଷ୍ଠିର ବଘାର, ଚକାନନ୍ଦ କର୍ଣ୍ଣ, ସୁରେଶ କରନ, ବିଶ୍ୱାମିତ୍ର ବଘାର, କାନ୍ଦପ ଦନ୍ତା, ସଞ୍ଜୟ ମହାକୁର, ମିନିକେତନ ଟାଙ୍ଗ, ଯକସନ ଭୋଇ, ସୁବକ ଖମାରୀ, ଫକୀରମୋହନ ଖମାରୀ, ଗୋପାଳ ଚନ୍ଦ୍ର ମହାକୁର, ଲଛମାନ ମହାକୁର, ବୃଷବ ଦନ୍ତା, ଭୋଜରାଜ କଲତା, ସତ୍ୟବନ ମହାକୁର, ବିରଞ୍ଚି ପାତ୍ର, ଗୋପବନ୍ଧୁ କର୍ମୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁରିବାହାଲ ଚକର ୧୮ଗ୍ରାମକୁ ନେଇ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତିଭାବେ ପ୍ରଫୁଲ୍ଲ ବଘାର, ଉପସଭାପତି, ବସୁଦେବ ପଧାନ, ସମ୍ପାଦକ ଉପେନ୍ଦ୍ର ପଧାନ, ସହସମ୍ପାଦକ ଗଜପତି ପଧାନ, କୋଷାଧ୍ୟକ୍ଷଭାବେ ଦେବରାଜ ପଧାନଙ୍କୁ ଚୟନ କରାଯାଇଛି। ଏଥିସହିତ ୨୪ଜଣଙ୍କୁ କମିଟି ସଦସ୍ୟଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଆଇନଜୀବୀ ସୁଦାମ ଚରଣ ବଘାର ସଂଯୋଜନା କରିଥିଲେ। ରାଧେଶ୍ୟାମ ବଘାର, ଲଳିତ କୁମାର ବଘାର, ରାଧେଶ୍ୟାମ ପଧାନ, ଋଷି ମହାକୁର, ମହେଶ୍ୱରୀ ସେନା ଏଥିରେ ସହଯୋଗ କରିଥିଲେ। ଏଥିପୂର୍ବରୁ ଏକ ସଚେତନତା ଶୋଭାଯାତ୍ରା ସଭାସ୍ଥଳକୁ ଯାଇଥିଲା।

**କୋଶଳ ରାଜ୍ୟ ସମନ୍ୱୟ ସମିତିର ପ୍ରଶିକ୍ଷଣ ଶିବିର**

ପଦ୍ମପୁର, (ଡି.ଏନ.ଏ.): ବରଗଡ଼ ଜିଲା ନୃସିଂହନାଥ ବିନ୍ଧ୍ୟବାସିନୀ ଯାତ୍ରୀ ନିବାସରେ କୋଶଳ ସଂଗ୍ରାମୀମାନଙ୍କର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ହଳଧର ନାଗ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମନ୍ୱୟ କମିଟି ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଶିକ୍ଷା ପ୍ରଦାନ କରିଥିଲେ। ସଂଯୁକ୍ତା ମାଝି, ଆଇଆଇଏମର ପ୍ରାଧ୍ୟାପକ ସୁଜିତ ପୃଷ୍ଟେଠ, ଆଇନଜୀବୀ ଘନଶ୍ୟାମ ବାଞ୍ଜି, ଜୟନାରାୟଣ ତ୍ରିପାଠୀ, ରାଜକୁମାର ସେଠ, ଦୀପକ ରଥ, ଡୋଲାମଣି ପ୍ରଧାନ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶାନ୍ତ ମାଝି ଶିବିରରେ ସଭାପତିତ୍ୱ କରିଥିଲେ।

## ସଂକ୍ଷେପରେ

### ମୋଟରସାଇକେଲ ଦୁର୍ଘଟଣାରେ ଜଣେ ମୃତ

**ବୌଦ୍ଧ,୫।୨(ସ୍ୱ.ପ୍ର.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ପୁରୁଣାକଟକ ନିକଟସ୍ଥ ଭୈରବୀ ମହାବିଦ୍ୟାଳୟ ନିକଟରେ ରବିବାର ମଟରସାଇକେଲ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ମୃତକ ହେଲେ ବୌଦ୍ଧ ସହର ପୋଡାପୋଡର କୌଶିକ ହୋତା (୧୯)। ସୂଚନା ମୁତାବକ ପୋଡାପୋଡର କୌଶିକ ଓ ଭଦ୍ରକ ଜିଲା ଡିହାନଗାଡିଆର ହିମାଂଶୁ ବେହେରା (୧୯) ମଟରସାଇକେଲ ଯୋଗେ ବୌଦ୍ଧ ପଟୁ ଚାରିଛକ ଆଡକୁ ଯାଉଥିଲେ। ପୁରୁଣାକଟକ ନିକଟସ୍ଥ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ନିକଟରେ ମଟରସାଇକେଲେ ଭାରସାମ୍ୟ ହରାଇ ରାସ୍ତାକଡ ଏକ ଗଛରେ ଧକ୍କା ହେବାରୁ ୨ଜଣ ଛିଟିକି ପଡି ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ପ୍ରଥମେ ପୁରୁଣାକଟକ ମେଡିକାଲକୁ ନେଇଥିଲେ। ଗୁରୁତର ଥିବାରୁ ଉଭୟଙ୍କୁ ବୌଦ୍ଧ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବୌଦ୍ଧ ମେଡିକାଲରେ ଡାକ୍ତର କୌଶିକଙ୍କୁ ମୃତ ଘୋଷଣା କରିଥିବା ବେଳେ ହିମାଂଶୁ ଗୁରୁତର ଥିବରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁରୁଣାକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ବାଘ୍ୱା ଆକ୍ରମଣ: ୨ଗୁରୁତର

**ଭେଡେନ, ୫।୨(ଡି.ଏନ.ଏ.):** ବରଗଡ ଜିଲା ଭେଡେନ ଥାନା ରୁଷୁଡା ଫାଣ୍ଡି ଅନ୍ତର୍ଗତ ବାଦିପାଲିଠାରେ ରବିବାର ବାଘ୍ୱା ଆକ୍ରମଣରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କେଶ୍ରିପାଲି ଗ୍ରାମର ସୁଦାମ ବାଗ (୬୫) ଏବଂ ବରଡୋଳ ଗ୍ରାମର ଚମରା ବାଗ (୬୨)। ଉଭୟେ ରବିବାର ମଧ୍ୟାହ୍ନରେ ବାଦିପାଲିର ଡୋଲାମଣି ଭୋଇଙ୍କ ବାଡିକୁ ବାଉଁଶ କିଣିବା ଉଦ୍ଦେଶ୍ୟରେ ଦେଖିବାକୁ ଯାଉଥିଲେ। ହରିଜନ ପଡା ନିକଟରେ ଏକ ବାଘ୍ୱା ପଛପଟରୁ ଆସି ସେମାନଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥଇଲେ। ପରେ ସୁଦାମଙ୍କ ଅବସ୍ଥା ଙ୍କେଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

### ଶ୍ରୀମଦ୍ ଭାଗବତ ଗୀତା, ବିଶ୍ୱଶାନ୍ତି ଯଜ୍ଞ

**ଜାମକ୍ରି, ୫।୨(ଡି.ଏନ.ଏ.):** ବରଗଡ ଜିଲା ଅତାବିରା ମାର୍କେଟରେ ପଶ୍ଚିମୋତ୍କଳ କର୍ମକାଣ୍ଡୀୟ ସମିତି ଅତାବିରା ଶାଖା ଆନୁକୂଲ୍ୟରେ ଆୟୋଜିତ ଶ୍ରୀମଦ୍ ଭଗବତ ଗୀତା ଓ ବିଶ୍ୱଶାନ୍ତି ଯଜ୍ଞ ରବିବାର ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଯାଇଛି। ଶନିବାର ମହିଳାମାନେ ଶୋଭାଯାତ୍ରାରେ ପୂର୍ଣ୍ଣ ଜଳକଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନା କଲାପରେ ପୂଜା କାର୍ଯ୍ୟ ଆରମ୍ଭ କରାଯାଇଥିଲା। କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ବିଜୟ କୁମାର ଦାସ। ଅତାବିରା ମାର୍କେଟପଡା ଓ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ

**ବରପାଲି, ୫।୨(ଡି.ଏନ.ଏ.):** ବରଗଡ ଜିଲା ବରପାଲି ମାରୱାଡି ଧର୍ମଶାଳାରେ ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଜନ୍ମ ମହୋସବ ପାଳିତ ହୋଇଯାଇଛି। ଏଥିରେ ରମେଶ ଚନ୍ଦ୍ର ମିଶ୍ର ଅଧକ୍ଷତା କରିଥିଲେ। ପୁଟିଣ୍ଡାର ରାଜକିଶୋର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଛନ୍ତି। ବିଜେପୁର, ରେମଣ୍ଡା, ବରଗଡ, ହୀରାକୁଦ ସହେଲା ଅଞ୍ଚଳର ଭକ୍ତଙ୍କ ସମାବେଶ ସମାଗମ ହୋଇଥିଲେ।

# ଗୁରୁବାରୀ ଥିଲେ ଶତାବ୍ଦୀର କିମ୍ବଦନ୍ତୀ ମହିଳା

## ପୁସ୍ତକ ହଜ୍‌ଲା ଇତିହାସ୍‌ଥି ଲୁକ୍‌ଲା ମୁନୁଷ୍ ଉନ୍ମୋଚିତ

ବରଗଡ଼ ଅଫିସ୍,୫।୨

ପଶ୍ଚିମାଞ୍ଚଳର ଲୋକନୃତ୍ୟ ଓ ସଙ୍ଗୀତକୁ ଜାତୀୟସ୍ତରକୁ ପହଞ୍ଚାଇବାରେ ପ୍ରଥମ ଲୋକ କଳାକାର ଥିଲେ ନୃତ୍ୟଶିଳ୍ପୀ ସ୍ୱର୍ଗତ ଗୁରୁବାରୀ ମିର୍ଦ୍ଧା। ଦିଲ୍ଲୀ ଦରବାରରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କୁ ସେ ସମ୍ବଲପୁରୀ ଲୋକବାଦ୍ୟ ଢ଼ୋଲ, ମୁହୁରୀ, ତାସା, ନିଶାନ ସହିତ ଡାଲଖାଇ ନୃତ୍ୟରେ ନଚାଇବାରେ ଗୌରବ ହାସଲ କରିଥିଲେ। ସେହି ମହାନ ପ୍ରତିଭାଙ୍କ ଜୀବନୀକୁ ନେଇ ଯୁବ କବି ତଥା ଗବେଷକ ହେମନ୍ତ କୁମାର ଦୀପ୍‌ଙ୍କ ରଚିତ ଗବେଷଣାଧର୍ମୀ ପୁସ୍ତକ ହଜ୍‌ଲା ଇତିହାସ୍‌ଥି ଲୁକ୍‌ଲା ମୁନୁଷ୍ ରବିବାର ଉନ୍ମୋଚିତ ହୋଇଛି। ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାରରେ ଗଣଦୃଷ୍ଟି ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ପୁସ୍ତକ ଉନ୍ମୋଚନ ସମାରୋହରେ ସାହିତ୍ୟିକ ସୌଭାଗ୍ୟବନ୍ତ ମହାରଣା ଅଧ୍ୟକ୍ଷତା କରିଥିଲେ। ସାହିତ୍ୟିକ ଡଃ ଅଶୋକ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ପୁସ୍ତକର ପ୍ରକାଶକ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, କବି ନିମାଇଁ ପାଣିଗ୍ରାହୀ ସମ୍ମାନିତ ଅତିଥି, ଅଧ୍ୟାପିକା ଜୟଶ୍ରୀ ସାହୁ, ସାହିତ୍ୟିକ ଡଃ ସଙ୍ଗୀତା ରଥ ପ୍ରମୁଖ ସମୀକ୍ଷକଭାବେ ଯୋଗଦାନ କରିଥିଲେ।

ଗୁରୁବାରୀ ମିର୍ଦ୍ଧା ପଦ୍ମଶ୍ରୀ ସମ୍ମାନର ହକ୍‌ଦାର୍ ମୁଖ୍ୟଅତିଥି ଛୁରିଆ ବୋଲି କହିଥିଲେ। ଗବେଷକ ଦୀପଙ୍କ ରଚିତ ସମସ୍ତ ଗବେଷଣାଧର୍ମୀ ପୁସ୍ତକ ପ୍ରକାଶନର ଦାୟିତ୍ୱ ସେ ନେବେ ବୋଲି ଛୁରିଆ ଘୋଷଣା କରିଥିଲେ। ଅଧ୍ୟାପିକା ସାହୁ ଗୁରୁବାରୀ ମିର୍ଦ୍ଧାଙ୍କ ଲୋକଗୀତ ସମୂହକୁ ସାଇତି ରଖିବାର ପ୍ରୟାସ କରିଥିବା ଯୋଗୁ ଗବେଷକ ଦୀପଙ୍କୁ କୃତଜ୍ଞତା ଜଣାଇଥିଲେ। ସାହିତ୍ୟିକ ଡଃ ରଥ ଲୋକନୃତ୍ୟ ଓ ସଙ୍ଗୀତର ଗନ୍ତାଘର ଗୁରୁବାରୀ ମିର୍ଦ୍ଧାଙ୍କୁ ଶତାବ୍ଦୀର ଜଣେ କିମ୍ବଦନ୍ତୀ ମହିଳାଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଗୁରୁବାରୀ ମିର୍ଦ୍ଧାଙ୍କ ଝିଆରୀ ଶିବାନୀ ମିର୍ଦ୍ଧାଙ୍କୁ ସମ୍ମାନିତ କରାଯାଇଥିଲା। ଗାନ୍ଧୀ ସ୍ମୃତି ପାଠାଗାରର ସଭାପତି ବିଦ୍ୟାଧର କୁଅଁର, ସାହିତ୍ୟିକ ମନୋରଞ୍ଜନ ସାହୁ, ଗଣଦୃଷ୍ଟିର ନିର୍ଦ୍ଦେଶକ ଉମେଶ ବିଶ୍ୱାଳ, କବି ଓ ନୃତ୍ୟଶିଳ୍ପୀ ଶର୍ମିଷ୍ଠା ସାହୁ, କବି ପ୍ରବାସିନୀ ହୋତା ପ୍ରମୁଖ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉପାୟନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ବହୁ କବି, କଳାକାର, ସାହିତ୍ୟିକ, ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। ଅଧ୍ୟାପକ ବିନୟ ଦାଶ, ଗୋପବନ୍ଧୁ ଶିକା, ପ୍ରଦୀପ ପାଢ଼ୀ, ସୁଦାମ ଭୋଇ, ଶୋଭିତ୍ ରଏ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କବି ନୀତିଶ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



ପୁସ୍ତକ ହଜ୍‌ଲା ଇତିହାସ୍‌ଥି ଲୁକ୍‌ଲା ମୁନୁଷ୍‌କୁ ଅତିଥିବୃନ୍ଦ ଉନ୍ମୋଚନ କରୁଛନ୍ତି।

# ନୃସିଂହନାଥରେ ମାଘମେଳା ଉଦ୍‌ଯାପିତ

ପାଇକମାଳ, ୫।୨(ଡି.ଏନ.ଏ.)

ବରଗଡ ଜିଲା ନୃସିଂହନାଥ ପୀଠରେ ୫ଦିନ ଧରି ଚାଲିଥିବା ମାଘମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦୁଇଦିନ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶନିବାର କଳସ ଯାତ୍ରାରେ ନୃସିଂହନାଥ ଝରଣାରୁ କଳସରେ ପବିତ୍ର ପାଣି ଆଣି ଯଜ୍ଞମଣ୍ଡପରେ ରଖିଥିଲେ। ଏହାପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ରବିବାର ଦେବାଦେବୀ ପୂଜନ ଓ ଦଧିହାଣ୍ଡି ଭଗ୍ନ ସହ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତାଭାବେ ଦିପେଶ ରଞ୍ଜନ ନାୟକ ଓ ତାଙ୍କ ଧର୍ମପତ୍ନୀ ଦିପ୍ତିମୟୀ ନାୟକ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋମ ଯଜ୍ଞରେ ସୁବୋଧ ପଣ୍ଡା, ଗିରିଶ ନାୟକ, ମାତୃପ୍ରସାଦ ରଥ, ବିଶମ୍ଭର ମୁଣ୍ଡଙ୍କ ସହ ମନ୍ଦିରର ଅନ୍ୟାନ୍ୟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।


ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସ୍ଥାପନ ଅବସରରେ ହୋମଯଜ୍ଞ।

# ହିରାପାଲି ଗ୍ରାମରେ ଜବରଦଖଲ ଉଚ୍ଛେଦ


ହିରାପାଲିରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ଅମରପାଲି,୫।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ କେନ୍ଝିରିଆପାଲି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ହିରାପାଲି ଗ୍ରାମରେ ଜବରଦଖଲ ଉଚ୍ଛେଦ ହୋଇଛି। ଅନେକ ଥର ଗ୍ରାମବାସୀ ଗ୍ରାମରୁ ଜବରଦଖଲ ହଟାଇବାକୁ ଦାବି କରିବା ପରେ ଶେଷରେ ତହସିଲ ପ୍ରଶାସନ ଜବରଦଖଲ ଉଚ୍ଛେଦ କରିଛି।

ପ୍ରକାଶ ଯେ, ହିରାପାଲି ଗ୍ରାମର ଲୋକଙ୍କ ନିତ୍ୟବ୍ୟବହାର୍ଯ୍ୟ ସରକାରୀ ଜମିକୁ ଗ୍ରାମର ଦୁଇଜଣ ବ୍ୟକ୍ତି ଜବରଦଖଲ କରିବା ସହିତ ଘର ନିର୍ମାଣ କରିଥିଲେ। ଏହାସହିତ ସେଠାରେ କୂଅ ଓ ପାଚେରି କରିଥିଲେ। ଫଳରେ ଗ୍ରାମବାସୀ ଓ ଗୃହପାଳିତ ପଶୁଙ୍କ ଯିବା ଆସିବା ବାଟ ବନ୍ଦ ହୋଇଥିଲା। ମନା କରିବା ସତ୍ତ୍ୱେ ଜବରଦଖଲକାରୀ ନ ମାନିବାରୁ ଗ୍ରାମବାସୀ ତହିସଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପରି କି ୩ ଥର ରୁ ଅଧିକ ଆସି ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ଶେଷରେ ତହସିଲ ପ୍ରଶାସନ ପୋଲିସ ଉପସ୍ଥିତିରେ ଜବରଦଖଲ ହଟାଇଛି। ବୀରମହାରାଜପୁର ଅତିରିକ୍ତ ତହସିଲଦାର ସ୍ୱାଗତ ପଣ୍ଡା, କେନ୍ଝରିଆପାଲି ଆର.ଆଇ ଓ ଅମିନଙ୍କ ସହ ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ଡୋଲାମଣି ଭୋଇ, ଆଇ.ଆଇ.ସି ପଦ୍ମାସନୀ ମେହେର ପ୍ରମୁଖ ଜବରଦଖଲ ବେଳେ ଉପସ୍ଥିତି ଥିଲେ। ଜବରଦଖଲ କରି ନିର୍ମାଣ କରାଯାଇଥିବା ଘର, ପାଚେରି ଓ କୂଅକୁ ପ୍ରଶାସନ ଭାଙ୍ଗି ଦେଇଛି।

# ଆଞ୍ଚଳିକ ଶୁଣ୍ଢୀ ସମାଜ ମହାସଭା ପାଇଁ ପ୍ରସ୍ତୁତି

ପାଇକମାଳ, ୫।୨(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ନୃସିଂହନାଥ ଧର୍ମଶାଳାରେ ଆଞ୍ଚଳିକ ଶୁଣ୍ଢି ସମାଜ ମହାସଭା ପାଇଁ ଏକ ପ୍ରସ୍ତୁତି ବୈଠକ ସଭାପତି ଭୁବନେଶ୍ୱର ସାହୁଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାର୍ଷିକ ଆୟ ବ୍ୟୟ, ବିଭିନ୍ନ ଆଞ୍ଚଳିକ ସମସ୍ୟା, ଉପଖଣ୍ଡ ସ୍ତରୀୟ ମହାସଭା ତଥା ସମାଜ ସଂସ୍କାର ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୨୪ଫେବୃୟାରୀରୁ ୨୬ ଯାଏ ହେବାକୁ ଥିବା ମହାସଭାକୁ ସଫଳ କରିବାକୁ ସମସ୍ତ ସଦସ୍ୟ ପରିବାର ସହ ଯୋଗଦେବା ପାଇଁ ସଂକଳ୍ପ ନିଆଯାଇଥିଲା। ସମ୍ପାଦକ ଅନିରୁଦ୍ଧ ବେହେରା ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଆଲୋଚନାରେ ମହାଦେବ ବେହେରା, ଦିଲୀପ ବେହେରା, ରିଙ୍କୁ ବେହେରା, ମୀନକେତନବେହେରା, ସୁରେନ୍ଦ୍ରବେହେରା, ନବ କିଶୋର ସାହୁ, ତୁଳସୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବେଣୁଧର ବେହେରା ଧନ୍ୟବାଦ ଦେଇଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ସହ ସୁନ୍ଦରାକାଣ୍ଡ ପାରାୟଣ

ବାଉଁଶୁଣୀ,୫।୨(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ଟିକିରାପଡା ଗ୍ରାମରେ ସୁନ୍ଦରାକାଣ୍ଡ ପାରାୟଣ ସହ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶନିବାର ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ବ୍ୟାସ ଭାବେ ଆଶିଷ ଦାସ ପାରାୟଣ ଗାନ କରିଥିଲେ। କର୍ତ୍ତା ଭାବେ ସୁବାଷ ମେହେର ଓ ମଞ୍ଜୁ ମେହେର ଥିବା ବେଳେ ପୂଜକ ଭାବେ ବିଭିଷଣ ଚାନ୍ଦ ପୂଜା କାର୍ଯ୍ୟ ତୁଲାଇଥିଲେ। ଟିକିରାପଡା ଗ୍ରାମବାସୀମାନଙ୍କ ଦ୍ୱାରା ବାଉଁଶୁଣୀ ମହାନଦୀରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ କଳସ ଶୋଭଯାତ୍ରା ଅନୁଷ୍ଠିତ ହୋଇଥିଲା। ରବିବାର ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବିଶେଷ ଆକର୍ଷଣ ଛତିଶଗଡ଼ ଅଞ୍ଚଳର ଦୁଇ ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦାରା କିର୍ତ୍ତନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିନିକାକୁ ହରାଇ ନୂଆପାଲି ଚାମ୍ପିୟନ

ବିନିକା,୫।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅନ୍ତର୍ଗତ ନୂଆଁପାଲି ଖେଳପଡିଆଠାରେ ମା' ଘଣ୍ଟାଶିନୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୫ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ବିନିକା ପଡା ଓ ନୂଆଁପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିନିକା ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୯୨ ରନ କରିଥିଲେ। ଏହାର ଜବାବରେ ନୂଆପାଲି ଦଳ ୭ ଓଭରରେ ନିର୍ଦ୍ଧାରିତ ରନ କରି ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ନୂଆପାଲି ଯୁବକ ସଂଘ ସଭାପତି ଦିପକ ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂଘ ସମ୍ପାଦକ ଉପେନ୍ଦ୍ର ଭୋଇ, ମୁକେଶ ବଗର୍ତ୍ତୀ, ପ୍ରେମରାଜ ଭୋଇ,ତାପସ ନାୟକ, ଜଗନ୍ନାଥ ଭୁଏ, ହିତୁ ଭୁଏ, ସରୋଜ ଖଣ୍ଡାୟତ ଯୋଗ ଦେଇଥିଲେ। ଅତିଥି ଚାମ୍ପିୟନ ରନର୍ସ ଅପ୍ ଏବଂ ମ୍ୟାନ ଅଫ ଦ ସିରିଜ ହାସଲ କରିଥିବା ନୂଆପାଲି ଦଳର ରୋଶନଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ। ଖେଳକୁ ଦେବାଶିଷ ଗରିଆ, ଆଶୁତୋଷ ଦାଶ ପରିଚାଳନା କରିଥିଲେ। ଧାରା ବିବରଣୀ ମାନସ ଦାଶ ପ୍ରଦାନ କରିଥିଲେ। ଏଥିରେ ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ବିଜୟୀ ଦଳ।

# କୁଷ୍ଠ ନିରାକରଣ ଦିବସ ପାଳିତ

ବିନିକା,୫।୨(ଡି.ଏନ.ଏ.)

ବିଶ୍ୱ କୁଷ୍ଠ ନିରାକରଣ ଦିବସ ପାଳନ ଅବସରରେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଓ କୁଷ୍ଠ ମୁକ୍ତ ଜିଲା ଗଠନ ନେଇ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସିଦ୍ଧାର୍ଥ ଜୁନିୟର କଲେଜ ଛାତ୍ରୀଛାତ୍ରମାନେ ହାତରେ ପ୍ଲା କାର୍ଡ ଓ ବ୍ୟାନର ଧରି କୁଷ୍ଠ ନିରାକରଣ ଉପରେ ସ୍ଲୋଗାନ ଦେଇ ସହର ପରିକ୍ରମା କରିବା ସହ ଲୋକଙ୍କୁ ସଚେତନ କରିଥିଲେ। ପରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସିଦ୍ଧାର୍ଥ କଲେଜ ଅଧ୍ୟକ୍ଷା ରେଖା ପ୍ରଧାନ, ମୁଖ୍ୟବକ୍ତା ଭାବେ କୁଷ୍ଠ ନିରାକରଣ ଆମ୍ବାସେଡ଼ର ଓଡିଶା ଗୋରେକ ନାଥ ସାହୁ, ସମ୍ମାନିତ ଅତିଥି ଭାବେ ଲେପ୍ରା ସୋସାଇଟିର ସଂଯୋଜକ ନୃସିଂହ ମିଶ୍ର, ସ୍ୱାସ୍ଥ୍ୟକେନ୍ଦ୍ରର ପୁଷ୍ପା ମିଶ୍ର, ଅଧ୍ୟାପକ ନାରାୟଣ ଚୌଧୁରୀ ଯୋଗଦେଇ କୁଷ୍ଠରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ପରେ କୁଷ୍ଠ ମୁକ୍ତ ଜିଲା ଗଠନ ଦିଗରେ ଉପସ୍ଥିତ ସମସ୍ତେ ଶପଥ ପାଠ କରିଥିଲେ। ଏଥିରେ ବିପିଓ ସୁଶାନ୍ତ ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ଦିବାକର ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ସାମାଜିକ କର୍ମୀ ରାମ ଗୋପାଳ ବାଘ, ଅଧାପକ ପ୍ରିୟରଞ୍ଜନ ସାହୁ, ଅଭିଲାଷ ମିଶ୍ର, ରୋହିତ ଧରୁଆ, କର୍ମଚାରୀ ଜାହ୍ନବୀ ନାଏକ, କୀର୍ତ୍ତନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ନିଗମାନନ୍ଦ ସରସ୍ୱତୀଙ୍କ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ

ପଦ୍ମପୁର, ୫।୨(ଡି.ଏନ.ଏ.)

ବରଗଡ଼ ଜିଲା ମେଲଛାମୁଣ୍ଡାରେ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବସ୍‌ଙ୍କ ୭୨ ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ଚେତନା, ଭଗବତ ଜ୍ଞାନ, ସନାତନ ଧର୍ମର ରକ୍ଷା ପରି ବିଭିନ୍ନ ପ୍ରସଙ୍ଗରେ ଅତିଥି ସନ୍ୟାସୀ ଓ ବକ୍ତା ପ୍ରବଚନ ଦେଇଥିଲେ। ମୁଖ୍ୟ ଅତିଥି ତୁଷାରକାନ୍ତି ବେହେରା, ବିଶିଷ୍ଟ ଅତିଥି ପୂଜ୍ୟ ପରମହଂସ ପ୍ରଜ୍ଞାନନ୍ଦଜୀ ମହାରାଜ, ଶ୍ରୀମଦ୍ ସ୍ୱାମୀ ଦିବ୍ୟାନନ୍ଦ ମହାରାଜ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ସରସ୍ୱତୀ ଜୟଦେବ ଭାରତୀ, ମୁଖ୍ୟବକ୍ତା ଗୀତା ମିଶ୍ର, ପୂର୍ବତନ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ଉପସ୍ଥିତ ରହି ଭଗବତ ଆଲୋଚନା ଚର୍ଚ୍ଚା କରିଥିଲେ। ଏ ନେଇ ବରଗଡ଼ ଜିଲା ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଭକ୍ତ ଯୋଗଦେଇଥିଲେ ବୋଲି ନୀଳାଚଳ ସାରସ୍ୱତ ସଂଘ ପୁରୀର ସଭାପତି ଗଗନେନ୍ଦ୍ର ମହାନ୍ତି କହିଛନ୍ତି। ନୀଳାଚଳ ସାରସ୍ୱତ ସଂଘ ପରିଚାଳକ ଦୁର୍ଗାଚରଣ ମହାନ୍ତି, ସଭାପତି ଗଗନେନ୍ଦ୍ର ମହାନ୍ତି, ଭକ୍ତ ସମ୍ମିଳନୀ ଆବାହକ କମିଟି ସଭାପତି କଳ୍ପତରୁ ସେନାପତି, ଭକ୍ତ ସମ୍ମିଳନୀ ଅଭ୍ୟର୍ଥନା କମିଟି ସଭାପତି ତଥା ଭଟଲି ବିଧାୟକ ସୁଶାନ୍ତ ସିଂଙ୍କ ତତ୍ତ୍ୱାବଧାନରେ ଉ୍‌ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

# ବଲାଙ୍ଗୀରକୁ ହରାଇ ରାଉରକେଲା ବିଜୟୀ

## ଷଷ୍ଠ ବୌଦ୍ଧ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

ବୌଦ୍ଧ,୫।୨(ସ୍ୱ.ପ୍ର.)

ବୌଦ୍ଧ ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଜିଲା ଷ୍ଟାଡିୟମଠାରେ ଷଷ୍ଠ ବୌଦ୍ଧ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ରବୀନ୍ଦ୍ର ନାଥ କହଁର ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ପରିଚାଳକ ରୂପକ କୁମାର ମହାପାତ୍ର, ବରିଷ୍ଠ କ୍ରୀଡାବିତ ସତ୍ୟ ପ୍ରକାଶ ଦାଶ, ଅମରେଶ ପ୍ରଧାନ ଓ ଆଶୁତୋଷ ଦାଶ ପ୍ରମୁଖ ଯୋଗଦେଇଥିଲେ। ଜିଲା କ୍ରିକେଟ୍ ଆସୋସିଏଶନ ସଭାପତି ନିରନ ମେହେର, ସମ୍ପାଦକ ଯୁଗଳ କିଶୋର ସାମଲ, ଉପସଭାପତି ଲମ୍ବୋଦର୍ ପୁରୋହିତ, କୋଷାଧ୍ୟକ୍ଷ ଭବେଶ କୁମାର ଯୋଶୀ ଉପସ୍ଥିତ ଥିଲେ। ଉଦଘାଟନୀ ମ୍ୟାଚ୍ ରାଉରକେଲା ୟୁଥ କ୍ରିକେଟ୍ କ୍ଲବ୍ ଓ ନବକିଶୋର କ୍ରିକେଟ କ୍ଲବ୍ ବଲାଙ୍ଗୀର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଉରକେଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ବିନିମୟରେ ୧୪୨ ରନ୍ କରିଥିଲା। ବଲାଙ୍ଗୀର ଦଳ ୧୬. ୪ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୮୯ ରନ୍ କରିବାକୁ ସକ୍ଷମ ହୋଇଥିଲ। ମ୍ୟାଚ୍ ଅମ୍ପାୟର୍ ବିଶ୍ୱଜିତ ପୁରୋହିତ, ବଳରାମ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ମହେଶ କୁମାର୍ ମଲ୍ଲିକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଧାରା ବିବରଣୀ ଆଶୁତୋଷ ଦାଶ ଓ ସୌରଭ ପତି ପ୍ରଦାନ କରିଥିଲେ। ସୋମବାର ରାଇଜିଂ ଷ୍ଟୁଡେଣ୍ଟ କଟକ ଓ ପ୍ରୋଗ୍ରେସିଭ ଆସୋସିଏଶନ ଝାରସୁଗୁଡା ମଧ୍ୟରେ ଖେଳ ଅନୁଷ୍ଠିତ ହେବ।


ଖେଳାଳିଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ।

# ଆସିଛନ୍ତି ୮୭ ପ୍ରଜାତିର ୪୩,୩୮୧ ପକ୍ଷୀ

- ସୁବର୍ଣ୍ଣପୁରରେ ପକ୍ଷୀ ଗଣନା
- ୩୫ ପ୍ରଜାତିର ବିଦେଶୀ ପକ୍ଷୀ

ସୋନପୁର,୫।୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ପକ୍ଷୀ ଗଣନା ସରିଛି। ଜିଲାର ମହାନଦୀ, ତେଲନଦୀ, ହରିହରଯୋର ଡ୍ୟାମ୍ ଓ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗର ୧୦ଟି ଟିମ୍ ପକ୍ଷରୁ ପକ୍ଷୀ ଗଣନା କରାଯାଇଥିଲା। ଚଳିତ ବର୍ଷ ମୋଟ ୮୭ ପ୍ରଜାତିର ୪୩ହଜାର ୩୮୧ ପକ୍ଷୀ ଆସିଛନ୍ତି। ସେଥିମଧ୍ୟରୁ ୩୫ ପ୍ରଜାତିର ବିଦେଶାଗତ ପକ୍ଷୀ ଓ ୫୨ ପ୍ରଜାତିର ଦେଶୀ ପକ୍ଷୀ ଥିବା ଜଣାପଡିଛି। ନଭେମ୍ବର ମାସରୁ ବିଦେଶାଗତ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଥିଲା। ଶୀତ ବଢିବା ସହିତ ବିଦେଶୀ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ମହାନଦୀ ଓ ତେଲ ନଦୀର ତଟବର୍ତ୍ତୀ ଅଞ୍ଚଳରେ, ନଦୀ ଭିତରେ ଥିବା ବିଭିନ୍ନ ଟାପୁ ଓ ପଥରରେ ଦେଖା ଯାଇଥିଲେ ଜାତି ଜାତିକା ବିଦେଶାଗତ ପକ୍ଷୀ। ବିଭିନ୍ନ ପ୍ରଜାତିର ରଙ୍ଗବେରଙ୍ଗ ପକ୍ଷୀଙ୍କ କଳରବ ମହାନଦୀର ଶୋଭା ବୃଦ୍ଧି କରିଥିଲା। ସାତଦରିଆ ତେର ନଈ ପାର ହୋଇ ସୁଦୂର ପୂର୍ବ ୟୁରୋପ, ସାଇବେରିଆ, ଆମେରିକା, ମଙ୍ଗୋଲିଆ ଓ ଋଷ ଆଦି ସ୍ଥାନରୁ ପକ୍ଷୀମାନେ ଉଡି ଆସି ସୁବର୍ଣ୍ଣପୁରର ମହାନଦୀକୁ ଅତି ନିଜର କରି ନେଉଛନ୍ତି। ଚଳିତବର୍ଷ ମଧ୍ୟ ସୁବର୍ଣ୍ଣପୁର ସହର ଉପକଣ୍ଠ ମହାନଦୀର ଜଳରାଶିରେ ବିରଳ ପକ୍ଷୀ କମନ ମରଗାନସର ଠାବ ହୋଇଥିଲା। ଏହି ପକ୍ଷୀ ଉତ୍ତର ଆମେରିକା ଓ ପୂର୍ବ ୟୁରୋପିଆନରେ ପ୍ରାୟତଃ ଦେଖାଯାଆନ୍ତି। ଏମାନେ ପ୍ରାୟ ୧୨ ରୁ ୧୩ ହଜାର କି.ମି. ଯାତ୍ରା କରିଥାନ୍ତି। ଭାରତରେ କେବଳ ଉତ୍ତର ପଶ୍ଚିମବଙ୍ଗର ଗଜଲଡବାସ୍ଥିତ ତିସ୍ତା ବ୍ୟାରେଜ୍ ଓ ଲଦାଖରେ ଏହି ପକ୍ଷୀ ଦେଖିବାକୁ ମିଳିଥାନ୍ତି। ତେଣୁ ସୋନପୁରରେ କମନ୍ ମରଗାନସର ପକ୍ଷୀର ଉପସ୍ଥିତି ଓଡିଶାର ପକ୍ଷୀପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳାଇ ଦେଇଛି। ସେହିପରି ମଙ୍ଗୋଲିଆ ଅଞ୍ଚଳରୁ ଏଠାକୁ ଆସିଥିବା ପକ୍ଷୀ ବ୍ଲାକ ଷ୍ଟର୍କ, ବିଦେଶାଗତ ପକ୍ଷୀ ବ୍ଲାକ ବେଲିଡ ଟର୍ଣ୍ଣ, ଲିଟିଲ ଗ୍ରେବ୍, ଗ୍ରେଟ୍ କ୍ରେଷ୍ଟଡ୍ ଗ୍ରେବ୍, ପେଣ୍ଟେଡ ଷ୍ଟର୍କ, ଉଲି ନେକେଡ୍, ଗ୍ରେଲାଗ ଗୁସ, ବାର ହେଡେଡ୍ ଗୁସ, ନର୍ଦ୍ଦନ ପେଣ୍ଟେଲ, ରେଡ କ୍ରେଷ୍ଟେଡ ପୋଚାର୍ଡ, କମନ ପୋଚାର୍ଡ, ଟଫ୍ଟେଡ ଡକ୍, ସ୍ମଲ ପ୍ରାଟିନକୋଲା ଓ ପେଣ୍ଟେଡ ସ୍ନାଇପ ଆଦି ଚିହ୍ନଟ ହୋଇଛନ୍ତି। ଅନୁକୂଳ ପରିବେଶ ଏବଂ ଜୀବନ ଶୈଳୀରେ କୌଣସି ବ୍ୟାଘାତ ହେଉ ନ ଥିବାରୁ ପ୍ରତିବର୍ଷ ମହାନଦୀକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢିବାରେ ଲାଗିଛି। ବନ ବିଭାଗର କହିବା ଅନୁସାରେ ଏମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମହାନଦୀକୁ ପ୍ରତ୍ୟେକ ବର୍ଷ ନୂଆ ନୂଆ ପ୍ରଜାତିର ପକ୍ଷୀ ଆସୁଥିବାରୁ ସୁବର୍ଣ୍ଣପୁରକୁ ଦେଶ ବିଦେଶର ପକ୍ଷୀ ଗବେଷକମାନଙ୍କ ସୁଅ ଛୁଟୁଛି।


ମହାନଦୀରେ ବିଦେଶାଗତ ପକ୍ଷୀ କମନ ମରଗାନସର।

## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଜବତ

**ରାଜଗାଙ୍ଗପୁର, ୫।୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରାଞ୍ଚଳର ୱାର୍ଡ ନଂ. ୧୮ ଷ୍ଟେସନପଡ଼ା ଘର ଭିତରୁ ରବିବାର ସକାଳେ ରାଜଗାଙ୍ଗପୁର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଝୁଲନ୍ତା ମୃତଦେହ ଜବତ କରିଛି। ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ବିଶ୍ୱଜିତ ଫତେସିଂ(୨୫) ଜଣେ ଯୁବତୀଙ୍କୁ ଭଲ ପାଇ ସେ ଅଞ୍ଚଳରୁ ଆସି ଦୁହେଁ ବିବାହ କରି ରାଜଗାଙ୍ଗପୁର ଷ୍ଟେସନପଡାରେ ଏକ ଭଡାଘରେ ରହୁଥିଲେ। ରାଜଗାଙ୍ଗପୁର ପୌରପରିଷଦର ବ୍ୟାଟେରୀ ଚାଳିତ ଗାଡିଗୁଡିକର ଏକ ଠିକା ସଂସ୍ଥା ଅଧିନରେ ମୁନସି କାମ କରୁଥିଲେ। କିଛି ଦିନ ତଳେ ସେ ଗାଁକୁ ଯାଇଥିଲେ। ଫେରି ଦେଖିଥିଲେ ଯେ ତାଙ୍କ ସ୍ତ୍ରୀ ଘରେ ନାହାନ୍ତି। ସେ ବିଭିନ୍ନ କାଗଜପତ୍ର ଓ ସୁନାଗହଣା ନେଇ କେଉଁ ଆଡେ ଚାଲିଯାଇଛନ୍ତି। ଶନିବାର ସନ୍ଧ୍ୟାରେ ବିଶ୍ୱଜିତ ନିଜର ରୁମ ଭିତରେ ଚିନ୍ତାଗ୍ରସ୍ତ ଭାବେ ବସି ସିଗାରେଟ ଟାଣୁଥିବାର ଦୃଶ୍ୟକୁ ଫେସବୁକରେ ଲାଇଭ କରିଥିଲେ। ବିଶ୍ୱଜିତର ସାଙ୍ଗମାନେ ଏହି ଖବର ତାଙ୍କ ଘର ଲୋକଙ୍କୁ ଜଣାଇଥିଲେ। ରାତାରାତି ଏକ ଗାଡି ଯୋଗେ ବିଶ୍ୱଜିତର ବାପା ଓ ବନ୍ଧୁମାନେ ଗାଁରୁ ବାହାରି ରବିବାର ସକାଳେ ରାଜଗାଙ୍ଗପୁର ପହଞ୍ଚି ଥିଲେ। ବିଶ୍ୱଜିତ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ। ପୋଲିସ ତଥା ସାଇଣ୍ଟିଫିକ୍ ଟିମ ଘଟଣା ସ୍ଥଳରେ ପହଞ୍ଚି ଏକ ଚୁନି ସାହାଯ୍ୟରେ ଘରର ଛାତ ହୁକରେ ଆତ୍ମହତ୍ୟା କରି ଝୁଲିରହିଥିବା ବିଶ୍ୱଜିତଙ୍କ ମୃତଦେହ ଜବତ କରିବା ସହ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଏସ୍ଆଇ ହେମନ୍ତ ଧାରୁଆ ଏହି ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ୨ ଚୋରଙ୍କ ସହ ଛେଳି ବେପାରୀ କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୫।୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ତେନ୍ତ୍ରାବାହାଲ ଗ୍ରାମର ଟିବ୍ରା ତିଗ୍ଗାଙ୍କ ଘରୁ ୩ଟି ଛେଳି ଚୋରି କରିବା ଅଭିଯୋଗରେ ଫାଣ୍ଡି ପୋଲିସ ୩ ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଯମୁନାନାକିର ଅର୍ଜୁନ ସିଂ (୨୮), ପଦମପୁରର ଗଣେଶ ଖାଖା (୩୦) ଓ ଛେଳି ବେପାରୀ ମହମ୍ମଦ ମାଜିଦ (୪୩) ବୋଲି ଫାଣ୍ଡି ପୋଲିସ ସୂଚନା ଦେଇଛି।

### ଟ୍ରେନ୍‌ରୁ ମୋବାଇଲ ଚୋରି: ଜଣେ ଗିରଫ

**ରାଉରକେଲା ଅଫିସ,୫।୨:** ଚଳାନ୍ତା ଟ୍ରେନରୁ ମୋବାଇଲ ଚୋରି କରିବା ଅଭିଯୋଗରେ ଜିଆରପି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଅଙ୍କୁଶ ଭଗତ(୨୯)। ଝାରସୁଗୁଡା ଜିଲା ମିଶ୍ର ଟକିଜ୍ ରୋଡ ଝଣ୍ଡାଛକର ଅଙ୍କୁଶ ଚଳିତ ମାସ ୪ ତାରିଖରେ ଇସ୍ପାତ ଏକ୍ସପ୍ରେସରେ ଝାରସୁଗୁଡା ଷ୍ଟେଶନରୁ ଜେନେରାଲ ବଗିରେ ଚଢିଥିଲେ। ଟ୍ରେନ ରାଉରକେଲାରେ ପହଞ୍ଚିବା ପରେ ଅଙ୍କୁଶ ଜେନେରାଲ ବଗିରେ ବସିଥିବା ଜଣେ ମହିଳାଙ୍କଠାରୁ ଏକ ସ୍ମାର୍ଟଫୋନ ଛିନତାଇ କରି ଫେରାର ହୋଇଯାଇଥିଲେ। ମହିଳାଙ୍କ ଚିତ୍କାର ଶୁଣି ସେଠାରେ କାର୍ଯ୍ୟରତ ଆରପିଏଫ ପୋଲିସ ସବଇନ୍ସପେକ୍ଟର ଗଜେନ୍ଦ୍ର କୁମାର ଉକ୍ତ ମୋବାଇଲ ଲୁଟେରାଙ୍କୁ କାବୁ କରି ନେଇଥିଲେ। ପରେ ତାଙ୍କୁ ଜିଆରପିଙ୍କୁ ହସ୍ତାନ୍ତର କରାଯାଇଥିଲା। ଅଭିଯୁକ୍ତଙ୍କଠାରୁ ଛିନତାଇ ହୋଇଥିବା ମୋବାଇଲ ଜବତ କରି ମହିଳାଙ୍କୁ ହସ୍ତାନ୍ତର କରାଯାଇଥିଲା। ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଗୋବରରୁ ତିଆରି ହେଉଛି ଉତ୍କୃଷ୍ଟ କାଠ

### ଜଙ୍ଗଲ ଏବଂ ପରିବେଶ ସୁରକ୍ଷା ପାଇଁ ଅଭିନବ ପ୍ରୟାସ

**କୁତ୍ରା, ୫।୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ଅଞ୍ଚଳରେ ଜଣେ ବ୍ୟବସାୟୀ ମେସିନ ସାହାଯ୍ୟରେ ଗୋବରରୁ ଜାଳେଣି କାଠ ତିଆରି କରୁଛନ୍ତି। ଜଙ୍ଗଲ ଏବଂ ପରିବେଶ ସୁରକ୍ଷା ପାଇଁ ଏହା ଅଭିନବ ପ୍ରୟାସ ବୋଲି କୁହାଯାଉଛି।

ପୂର୍ବ କାଳରେ କୃଷି ପାଇଁ ବହୁଳ ଭାବରେ ଗୋପାଳନ କରାଯାଉଥିଲା। କିନ୍ତୁ ବର୍ତ୍ତମାନର ଆଧୁନିକ ଯୁଗରେ କୃଷି କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତିର ପ୍ରୟୋଗ ଯୋଗୁ ଗୋରୁ ଗାଈ ସଂଖ୍ୟା କମିବାରେ ଲାଗିଲା। ବର୍ତ୍ତମାନ ପୁଣି ଥରେ ଗୋରୁଗାଈଙ୍କ ସୁରକ୍ଷା ପାଇଁ ସରକାରୀ ଏବଂ ବେସରକାରୀ ସ୍ତରରେ ଚେଷ୍ଟା ଆରମ୍ଭ ହୋଇଛି। କାରଣ ଗୋରୁଗୋବର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ କୃଷକମାନଙ୍କ ଅଭିବୃଦ୍ଧି ସହିତ ପରିବେଶ ସଂରକ୍ଷଣରେ ସହାୟକ ହେଉଛି। ଗୋବରରୁ ବିଭିନ୍ନ ପ୍ରକାର ଉପକରଣ ଯଥା ଦୀପ, ଧୂପ, ଅଗରବତୀ ପ୍ରଭୃତି ତିଆରି ହେଇଥାଏ। ଆଧୁନିକ ଯୁଗରେ କାଠର ବିକଳ୍ପ ରୂପେ ଗୋବରରୁ ଗୋବର କାଠ ତିଆରି ହେଉଛି। ମେସିନରେ ତିଆରି ହେଉଥିବା ଏହିକାଠ ବହୁତ ଶସ୍ତାରେ ମିଳୁଥିବାବେଳେ ଜଙ୍ଗଲ ସଂରକ୍ଷଣରେ ପ୍ରମୁଖ ଭୂମିକା ନେବା ସହିତ ପ୍ରଦୂଷଣ ନିୟନ୍ତ୍ରଣ କରିଥାଏ। ହିନ୍ଦୁ ସମାଜରେ ମୃତଦେହ ଦାହ ପାଇଁ କାଠ ବ୍ୟବହାର ହୋଇଥାଏ। ବର୍ତ୍ତମାନ ଯୁଗରେ ଜଙ୍ଗଲ କ୍ଷୟ ଯୋଗୁ କାଠର ଘୋର ଅଭାବ ଦେଖାଦେଇଛି। ଏହାର ବିକଳ୍ପ ଭାବେ ଗୋ-କାଷ୍ଠକୁ ବ୍ୟବହାର କରିବାକୁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। କାଠ ଦ୍ୱାରା ବାୟୁ ପ୍ରଦୂଷଣ ହେବା ସହିତ ମୃତଦେହ ଦାହ ହେବା ପାଇଁ ୭ ରୁ ୮ ଘଣ୍ଟା ଲାଗିଥାଏ। କିନ୍ତୁ ଗୋ-କାଷ୍ଠରେ ଦାହ କଲେ ଏହା ୪ ରୁ ୫ ଘଣ୍ଟା ମଧ୍ୟରେ ହେବା ସହିତ ପ୍ରଦୂଷଣ ମଧ୍ୟ ହୋଇ ନ ଥାଏ। ତେବେ ଏହି ସବୁ କାରଣକୁ ଆଖିଆଗରେ ରଖି ରାଜଗାଙ୍ଗପୁରର ଜଣେ ବ୍ୟବସାୟୀ ବିନୋଦ କୁମାର ଅଗ୍ରୱାଲ କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାଠାରେ ନିଜ ଗୋଶାଳାରେ ୨ବର୍ଷ ହେବ ଗୋକାଷ୍ଠ ତିଆରି ମେସିନ ଲଗାଇ ଗୋକାଷ୍ଠ ତିଆରି କରୁଛନ୍ତି। ତାଙ୍କର କହିବା କଥାହେଲା ଅନ୍ୟାନ୍ୟ ବ୍ୟବସାୟ ସହିତ ରାଜଗାଙ୍ଗପୁରରେ ଏକ ଗୋଶାଳା ରହିଛି। ଗୋଶାଳାରୁ ବାହାରୁ ଥିବା ଗୋବର ଜମାହୋଇ ନଷ୍ଟ ହେଉଥିଲା। ଗୋବର ଠିକ ବ୍ୟବହାର ବିଷୟରେ ମୋବାଇଲରେ ଖୋଜୁଥିବାବେଳେ ଏ ଗୋକାଷ୍ଠ ତିଆରି ମେସିନ ବିଷୟରେ ଜାଣିବାକୁ ପାଇଲେ। ଏହି ମେସିନକୁ ବ୍ୟବହାର କରି ସେ ଗୋକାଷ୍ଠ ତିଆରି କରୁଛନ୍ତି। ଏହା ବର୍ତ୍ତମାନ ଲୋକଙ୍କ କାମରେ ଲାଗୁଛି ବୋଲି ସେ କହିଛନ୍ତି। ତାଙ୍କଠାରୁ ଏହି ଗୋବର କାଠ ଲୋକେ କିଣିକି ନେଉଥିବା ସେ କହିଛନ୍ତି। ଏହାର ବ୍ୟବହାର ଦ୍ୱାରା ପରିବେଶ ସନ୍ତୁଳିତ ହେବା ସହ ପ୍ରଦୂଷଣ କମିଥାଏ। କାଠ ତୁଳନାରେ ଗୋକାଷ୍ଠ ବହୁତ ଶସ୍ତା ହୋଇଥିବାରୁ ଏହା ଅଧିକ ବ୍ୟବହାର ଉପଯୋଗୀ ହେଉଛି ବୋଲି ସେ କହିଛନ୍ତି। ଗୋକାଠ ଉପରେ ସମସ୍ତେ ନିର୍ଭର କଲେ ଏହାର ଚାହିଦା ବଢନ୍ତା। ଜଙ୍ଗଲକାଠ ଉପରେ ଲୋକେ ନିର୍ଭର ନ କରି ଗୋକାଷ୍ଠ ଉପରେ ଲୋକେ ନିର୍ଭର କଲେ ଜଙ୍ଗଲ ସୁରକ୍ଷା ସହ ପରିବେଶ ସୁରକ୍ଷା ହୋଇପାରିବ।




କୁତ୍ରା ଅଞ୍ଚଳରେ ମେଶିନରେ ଗୋକାଷ୍ଠ ତିଆରି ହେଉଛି।

### ବାବା ଚମ୍ପକେଶ୍ୱର ମହାଦେବ ମନ୍ଦିରରେ ଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ

**ଦେବଗଡ଼, ୫।୨(ଡି.ଏନ୍.ଏ.)**

ସ୍ଥାନୀୟ ପ୍ରଧାନପାଟ ନିକଟସ୍ଥ ବାବା ଚମ୍ପକେଶ୍ୱର ମହାଦେବ ମନ୍ଦିରରେ ୧୮ ତାରିଖ ଶନିବାର ପାଳିତ ହେବାକୁ ଥିବା ମହାଶିବରାତ୍ରି ଉପଲକ୍ଷେ ସମ୍ପାଦକ ଈଶ୍ୱର ଦାଶଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ସଭାପତି ସୁଶିଲ କୁମାର କପରଦାର, ବରିଷ୍ଠ ଆଇନ ପରାମର୍ଶଦାତା ପ୍ରଭାସ ଚନ୍ଦ୍ର ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଉକ୍ତ ବୈଠକରେ ଆଗାମୀ ମହାଶିବରାତ୍ରି ଉତ୍ସବ କେମିତି ମହାସମାରୋହରେ ପାଳିତ ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ମନ୍ଦିର ରଙ୍ଗମରା କାର୍ଯ୍ୟ ଶୀଘ୍ର ସମାପନ କରିବା ସହିତ ମହାଦେବ ମନ୍ଦିରକୁ କେମିତି ଆକର୍ଷଣୀୟ କରାଯାଇ ପାରିବ ସେ ବିଷୟରେ ସଭାପତି ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ବୈଠକରେ ରଞ୍ଜନ ଦାସ, ମୁକେଶ ଜିନ୍ଦଲ, ମହେଶ୍ୱର ପାଣି, ସିବଲୁ ଅଗ୍ରୱାଲ, ଚିଣ୍ଡ ନାୟକ, ମନ୍ଦିରର ପୂଜକ ଟିକେଶ୍ୱର୍ ମହାପାତ୍ରଙ୍କ ସହିତ ମନ୍ଦିରର ଟ୍ରଷ୍ଟି ଶଶାଙ୍କ ନାୟକ, ସଞ୍ଜୀବ ଧର, ବାବୁଲେନ୍ଦ୍ର ନାୟକ, ସଦାନନ୍ଦ ସାହୁ, ଅମାନ୍ତ ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଶେଷରେ ମ୍ୟାନେଜିଂ ଟ୍ରଷ୍ଟି ସରୋଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ନାମେଣ୍ଟ, ବୁଢ଼ାକଟା ଚାମ୍ପିୟନ



ଫୁଟ୍‌ବଲ ଟୁର୍ନାମେଣ୍ଟରେ ଖେଳାଳିଙ୍କ ସହ ଅତିଥି।

**କୁତ୍ରା, ୫।୨ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପୁର୍କାପାଲି ଖେଳପଡିଆ ଠାରେ ରବିବାର ହିଟଲର କ୍ଲବ ଆନୁକୂଲ୍ୟରେ ଏକ ଦିନାତ୍ମକ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଢ଼ାକଟା ଚାମ୍ପିୟନ ହୋଇଛି। ଏହି ଫୁଟବଲ ଟୁର୍ନାମେଣ୍ଟରେ ସମୁଦାୟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ବୁଡାକଟା ଓ କାଦୋପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରୁ ଦୁଇ ଦଳ ମଧ୍ୟରେ ଖେଳ ଅତି ରୋମାଞ୍ଚକ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ପେନାଲଟି ସୁଟ୍ ଆଉଟ ସାହାଯ୍ୟ ନିଆଯାଇଥିଲା। ତେବେ ଏଥିରେ ମଧ୍ୟ ଉଭୟ ଦଳ ସମାନ ରହିବାରୁ ସଡ଼ନଦେଥ ସାହାଯ୍ୟରେ ବାଡାକଟା ଦଳ ଚାମ୍ପିୟନ ହୋଇଛନ୍ତି। ଏହି ଅବସରରେ ଅତିଥିଭାବେ ସମାଜସେବୀ ବେଣୁଧର ସିଂହି ଯୋଗଦେଇ ଚାମ୍ପିୟାନ ଦଳକୁ ପୁରସ୍କୃତ କରିଥିଲେ।ଖେଳଟିକୁ ଲଳିନ୍ଦ୍ର ସା ଓ ପ୍ରଭାସ ପ୍ରଧାନ ପରିଚାଳନା କରିଥିବା ବେଳେ କମିଟିର ସଦସ୍ୟ ରମେଶ ସା, ପ୍ରଦୀପ ସା, ବିକଶ ସା, ଅଜୟ ସା, ଗନ୍ଧର୍ବ ଅଡା ପ୍ରମୁଖ ସହଯୋଗ କରିଥିଲେ।

## ଖୋଲାରେ ବନ୍ଧୁକ ବୁଲାଇଥିବା ଯୁବକଙ୍କ ପ୍ରତି ପୋଲିସ କାର୍ଯ୍ୟାନୁଷ୍ଠାନ ବିଳମ୍ବିତ

**ବ୍ରଜରାଜନଗର, ୫।୨(ଡି.ଏନ୍.ଏ.)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ଆଜକୁ ୮ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହେଉ କି କ୍ରାଇମବ୍ରାଞ୍ଚ ହତ୍ୟା ଉଦ୍ଦେଶ୍ୟ କ'ଣ ଥିଲା ତାହା ଲୋକଲୋଚନକୁ ଆଣିପାରିଲେ ନାହିଁ। ତେବେ କ୍ରାଇମବ୍ରାଞ୍ଚ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି। ସବୁଠାରୁ ଚର୍ଚ୍ଚାର ବିଷୟ ହେଉଛି, ଯେଉଁ ଯୁବକ ଜଣକ ଘଟଣା ଦିନ ଘଟଣାସ୍ଥଳରେ ସୁରକ୍ଷା ଦାୟିତ୍ୱରେ ଥିବା ତତ୍କାଳୀନ ବ୍ରଜରାଜନଗର ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କ ରିଭଲଭର୍ ଛଡାଇ ନେଇଥିଲେ ସେ ଏବେ କେଉଁଠି? ତାଙ୍କୁ ପୋଲିସ କିମ୍ବା କ୍ରାଇମବ୍ରାଞ୍ଚ ତଦନ୍ତ ପରିସରକୁ ଆଣୁନାହିଁ କାହିଁକି ସେ ନେଇ ଅନେକ ପ୍ରଶ୍ନ ଉଠୁଛି। ଏଠାରେ ସୂଚନାଯୋଗ୍ୟ ଯେ, ଘଟଣା ଦିନ ଗୋପାଳ ଦାସ ନବଙ୍କୁ ଗୁଳି କରିବା ମାତ୍ରେ ଥାନା ଅଧିକାରୀ ସ୍ୱାଇଁ ଗୋପାଳକୁ କାବୁ କରୁଥିବା ସମୟରେ ଉକ୍ତ ଯୁବକ ସ୍ୱାଇଁଙ୍କ ଅଣ୍ଟାରୁ ତାଙ୍କ ସର୍ଭିସ ରିଭଲଭର ବାହାର କରି ଗୁଳି ଫୁଟାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସେହି ରିଭଲଭରକୁ ହାତରେ ଧରି ଅନ୍ୟମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା ମଧ୍ୟ କରୁଥିଲେ। ତେବେ ଉକ୍ତ ଯୁବକଙ୍କ ଉଦ୍ଦେଶ୍ୟ କଣ ଥିଲା ଓ ସେ କାହିଁକି ଏପରି କଲେ ତାକୁ ନେଇ ନାନା ପ୍ରଶ୍ନ ଉଠୁଛି। ଭାଇରାଲ ଫଟୋରୁ ଯାହା ଜଣାପଡିଛି ସେ ଜଣେ ପୂର୍ବତନ ଛାତ୍ରନେତା। ତାଙ୍କର ବିଶୃଙ୍ଖଳିତ ଆଚରଣ ପାଇଁ ଦଳ ତାଙ୍କୁ ବହିଷ୍କାର କରିସାରିଥିଲା। ତେବେ ଜଣେ ବହିଷ୍କୃତ ଛାତ୍ର ନେତାଙ୍କ ଦଳୀୟ କାର୍ଯ୍ୟକ୍ରମରେ କଣ କାମ ଥିଲା ଓ ସେଠାକୁ ସେ କେଉଁ ଉଦ୍ଦେଶ୍ୟ ନେଇ ଯାଇଥିଲେ ତାଙ୍କ ହାତରେ ଥିବା ବନ୍ଧୁକ ଫୁଟିଥିଲେ କ'ଣ ଘଟିଥାନ୍ତା। ପୋଲିସ କାହିଁକି ତାଙ୍କୁ ତଦନ୍ତ ପରିସରକୁ ଆଣୁନାହିଁ। ଏନେଇ ମଧ୍ୟ ପୋଲିସର ପାରିବାପଣିଆ ଉପରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କୁ ପଚାରିବାରେ ଉପରୁ ନିର୍ଦ୍ଦେଶ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

## ସରକାରୀ ସ୍ୱୟଂଶାସିତ କଲେଜରେ ବାର୍ଷିକ ଉତ୍ସବ

**ରାଉରକେଲା,ଅଫିସ, ୫।୨**

ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ କୁଳପତି ବିଧୁଭୂଷଣ ମିଶ୍ର ଓ ରାଉରକେଲା ପୂର୍ତ୍ତ ବିଭାଗ ଅଧିକାରୀ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ କଲେଜ ପରିଚାଳନା କମିଟି ଅଧକ୍ଷସମର ମୁଦୁଲି ଯୋଗଦାନ ଦେଇଥିଲେ। କଲେଜ ଅଧକ୍ଷ ଡ.ବିଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଛାତ୍ର ସଂସଦ ଉପଦେଷ୍ଟା ଡ. ସସ୍ମିତା ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୋ କଲେଜ ସଂଯୋଜକ ସମୀର ସୌରଭ ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଶିକ୍ଷାକ୍ଷେତ୍ରରେ ସଫଳ ହେବାକୁ ହେଲେ ବିଦ୍ୟାର୍ଥୀମାନେ ଓ ଯତ୍ନବାନ ହେବାକୁ ପଡିବ ବୋଲି କହିଥିଲେ। ଯୁକ୍ତ୨ ସ୍ନାତକ ଏବଂ ସ୍ନାତକୋତ୍ତର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା। ସେହିଭଳି ରାଜ୍ୟ ଏବଂ ଜାତୀୟସ୍ତରର ବିଭିନ୍ନ ପ୍ରତିଯୋଗୀତାରେ ସଫଳ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ୨ ସାଂସ୍କୃତିକ ପରିଷଦ ଉପଦେଷ୍ଟା ଅଜୟ କୁମାର ବେହୋର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପ୍ରଦୀପ ଖେସ ସଭା ପରିଚାଳନା କରିଥିଲେ।

## ସ୍ଥାନୀୟ ସମସ୍ୟା ସମ୍ପର୍କିତ କର୍ମଶାଳା

**କୁଆଁରମୁଣ୍ଡା,୫।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସଭା ଗୃହରେ ସ୍ଥାନୀୟ ସମସ୍ୟା ସମ୍ପର୍କିତ ଏକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମାଷ୍ଟର ଟ୍ରେନରଭାବେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଆଶୁତୋଷ ମିଶ୍ର, ଦେବାଶିଷ ସାହୁ, ବନପାଳ ବିନିତା ବରୁଆଙ୍କ ସହ କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ର ଓ ସଂସ୍କାର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ସଂସ୍କାର ସଙ୍ଗଠନର ସମ୍ପାଦକ ଅମୁଲ୍ୟ କୁମାର ଜେନା ଏହି କର୍ମଶାଳା ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ପ୍ରାୟ ୬୦ରୁ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।

## ଠିକା ଶ୍ରମିକ ଶୋଷଣ ବିରୋଧରେ ଦିଲ୍ଲୀ ଅଭିଯାନ

**ରାଉରକେଲା ଅଫିସ,୫।୨**

ସେକ୍ଟର-୧୬ ସ୍ଥିତ ଶ୍ରମିକ ଭବନ ପରିସରରେ ରାଉରକେଲା କଣ୍ଟ୍ରାକ୍ଟର ୱାର୍କରର୍ସ ୟୁନିୟନ, ଷ୍ଟିଲ ଏମ୍ପଲୋଇଜ ଟ୍ରେଡ ୟୁନିୟନ ସହ ଏନଏସପିସିଏଲ ୱାର୍କରର୍ସ ୟୁନିୟନ ପକ୍ଷରୁ ସଭାପତି ବିଷ୍ଣୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଠିକା ଶ୍ରମିକ ଶୋଷଣ ବିରୋଧରେ ସିଆଇଟିୟୁର ଠିକା ଶ୍ରମିକ କନଭେନସନ ଦିଲ୍ଲୀ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା। ସାଧାରଣ ସମ୍ପାଦକ ବିମାନ ମାଇତି ଠିକା ଶ୍ରମିକଙ୍କ ମଜୁରି ଚୁକ୍ତିନାମା ଏନଜିସିଏସରେ କରିବା ସହ ମଜୁରି ବୃଦ୍ଧି କରିବା, ଠିକା ଶ୍ରମିକମାନଙ୍କ ପାଇଁ ୧୦ଲକ୍ଷ ଟଙ୍କାର ଗୋଷ୍ଠୀ ବୀମା ସୁନିଶ୍ଚିତ କରିବା, ଠିକାଦାରଙ୍କ ବଦଳରେ ଠିକା ଶ୍ରମକଙ୍କୁ କାମରୁ ଛଟେଇ ନକରିବା, ଛଟେଇ ଶ୍ରମିକଙ୍କୁ ସମସ୍ତ ପ୍ରକାର ବେନିଫିଟ ପ୍ରଦାନ ପ୍ରଭୃତି ଦାବିରେ ଆସନ୍ତା ଫେବୃଆରୀ ୮ ତାରିଖରେ ରାଉରକେଲା ଇସ୍ପାତ କାରଖାନା ବିଶ୍ରାଛକ ଗେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଫେବୃଆରୀ ୧୧ରେ ଠିକା ଶ୍ରମିକମାନଙ୍କ ଜାତୀୟ କନଭେନସନ ବୋକାରୋ ଇସ୍ପାତ ନଗରୀଠାରେ ଅନୁଷ୍ଠିତ ହେବ। ଏହାକୁ ରାଉରକେଲା ଠିକା ଶ୍ରମିକ ସଫଳ କରିବା ସହ ଏପ୍ରିଲ ୫ ତାରିଖ ମୋଦି ସରକାରଙ୍କ ଶ୍ରମିକ ବିରୋଧୀ, ଜନ ବିରୋଧୀ ନୀତି ବିରୁଦ୍ଧ ସହ ଶ୍ରମ ଆଇନ ସଂଶୋଧନ ବିରୋଧରେ ସଂସଦ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ସିଆଇଟିୟୁର ରାଜ୍ୟ ସମ୍ପାଦକ ବସନ୍ତ ନାୟକ. ଶ୍ରୀମନ୍ତ ବେହେରା, ବି.ପି ମହାରଣା, ରାଜ କିଶୋର ପ୍ରଧାନ, ଦିବାକର ମହାରଣା, ପ୍ରଭାତ ମହାନ୍ତ, ବିଶ୍ୱଜିତ ମାଝି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଠିକା ଶ୍ରମିକ ନେତା ସୁରଜ ଦାସ, ଜଗବନ୍ଧୁ ରାଉତ, ବସନ୍ତ ପାଢ଼ୀ, ବୁବୁନ ମାଇତି, ସୁରେନ୍ଦ୍ର ବେହେରା, କୈଳାସ ବଡତିଆ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ମିଳନୀରେ ଉପସ୍ଥିତ ନେତୃବର୍ଗ।

## ଏସୀୟ କରାଟେ ଜଜ୍ ରାଜୀବ ସିଂଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୫।୨**

ଏସୀୟ କରାଟେ ଜଜ୍ ରାଜୀବ ସିଂଙ୍କୁ ବାସନ୍ତୀ ସାଂସ୍କୃତିକ ପରିଷଦ ପକ୍ଷରୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ରାଜୀବ ନିକଟରେ ଉଜବେକିସ୍ତାନର ତାସକେଣ୍ଟଠାରେ ଆୟୋଜିତ ଏସୀୟ ରେଫରୀ ଓ ଜଜ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ସହ ରାଜ୍ୟର ପ୍ରଥମ କରାଟେ ଜଜ୍ ହେବାର ଗୌରବ ଅର୍ଜନ କରିଛନ୍ତି। ପରିଷଦର ଶ୍ରୀବସ୍ କୁଆଁର, ଅକ୍ଷୟ ଭୂୟାଁ, ଭଗବାନ ମହାପାତ୍ର, ଜଗଦୀଶ ମୋହନ ପ୍ରହରାଜ,କୃଷ୍ଣଚନ୍ଦ୍ର ଡାକୁଆ, ଉତ୍ତମ ବାରିକ, ଶିଶିର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ପ୍ରଦାନ କରି ରାଜୀବଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ତାଙ୍କୁ ଆଗକୁ ବଢ଼ିବାରେ ସହଯୋଗ କରିବ ବୋଲି ରାଜୀବ କହିଛନ୍ତି।




ରାଜୀବ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଡିଷ୍ଟ୍ରିକ୍ଟ କ୍ରିକେଟ ଏକାଡେମୀ ବିଜୟୀ

**ଦେବଗଡ଼, ୫।୨ (ଡି.ଏନ୍.ଏ.)**

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଇନ୍ଦିରାଗାନ୍ଧି ଷ୍ଟାଡିୟମଠାରେ ଅନୁଷ୍ଠିତ ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ଟାଉନ କ୍ରିକେଟ କ୍ଲବ ବନାମ ଡିଷ୍ଟ୍ରିକ୍ଟ କ୍ରିକେଟ ଏକାଡେମୀ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଷ୍ଟ୍ରିକ୍ଟ କ୍ରିକେଟ ଏକାଡେମୀ ଦଳ ଟାଉନ କ୍ରିକେଟ କ୍ଲବ ଦଳକୁ ୩ ଟି ଉଇକେଟରେ ପରାସ୍ତ କରି ବିଜୟୀ ହୋଇଥିଲା। ପ୍ରଥମେ ଟାଉନ ଦଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୪୦ ଓଭର୍‌ରୁ ୩୦.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୮୯ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଡିଷ୍ଟ୍ରିକ୍ଟ କ୍ରିକେଟ ଏକାଡେମୀ ଦଳ ୨୫.୧ ଓଭରରେ ୭ ଉଇକେଟ ହରାଇ ୧୯୧ ରନ୍ କରି ବିଜୟୀ ହୋଇଥିଲା। ମ୍ୟାଚରେ ଡିଷ୍ଟ୍ରିକ୍ଟ କ୍ରିକେଟ ଏକାଡେମୀ ଦଳର ପ୍ରକାଶ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳରେ ଦିଲୁ ଦସଭାୟା ଓ ଗୁରୁଦୀପ ସିଂହ ଅମ୍ପାୟାର ରହିଥିବାବେଳେ ରୋମି ନାୟକ ଓ ଚନ୍ଦନ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଖେଳ ପୂର୍ବରୁ ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡ଼ା ଅଧିକାରୀ କୈବଲ୍ୟ କର ଓ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା କ୍ରିକେଟ ସଂଘର ସତ୍ୟନାରାୟଣ ପାଣି, ସନ୍ତୋଷ ଦେବତା, ପ୍ରବୀଣ ଆଚାର୍ଯ୍ୟ, କ୍ଷୀରୋଦ ବେହେରା, ବିଦ୍ୟାଧର ମହାପାତ୍ର, ରାଘବ ମହାରଣା, ଅଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରକାଶ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

### ଆନ୍ତଃ ଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ

